# ଆମ ପୂର୍ବପୁରୁଷମାନଙ୍କୁ ଆନନ୍ଦ ଦେବା



## ଦାଜୀ

**ପୂଜ୍ୟ ଶ୍ରୀ ଲାଲାଜୀ ମହାରାଜଙ୍କ**

153 ତମ ଜନ୍ମ ବାର୍ଷିକୀ ଅବସରରେ ବାର୍ତ୍ତା

ଜାନୁଆରୀ 22, 23, ଏବଂ 24, 2026, କାନହା ଶାନ୍ତି ବନମ



# ଆମ ପୂର୍ବପୁରୁଷମାନଙ୍କୁ ଆନନ୍ଦ ଦେବା

ପ୍ରିୟଜନମାନେ,

ପ୍ରତିବର୍ଷ ଯେତେବେଳେ ବସନ୍ତ ପଞ୍ଚମୀ ଆସେ, ମୋ ହୃଦୟରେ ଏପରି କିଛି ଘଟେ ଯାହାକୁ ମୁଁ ସମ୍ପୂର୍ଣ୍ଣ ଭାବରେ ବ୍ୟାଖ୍ୟା କରିପାରେ ନାହିଁ। ହଳଦିଆ ଫୁଲ, ପବନକୁ ଫେରି ଆସୁଥିବା କୋମଳ ଉଷ୍ଣତା, ଏବଂ ବସନ୍ତ ପୁଷ୍ପ, ଏସବୁ ନୂତନ ଆରମ୍ଭର କଥା କୁହନ୍ତି । କିନ୍ତୁ ଆମମାନଙ୍କ ମଧ୍ୟରୁ ଯେଉଁମାନେ ଏହି ପଥରେ ଚାଲନ୍ତି, ସେମାନଙ୍କ ପାଇଁ ଏହି ଦିନ ଏକ ସୁଗନ୍ଧ ଆଣିଥାଏ ଯାହା ଋତୁକୁ ଅତିକ୍ରମ କରେ, କାରଣ ଦିବ୍ୟ ଆଲୋକ ଏହି ଦିନଟିକୁ ପୃଥିବୀରେ ଅବତରଣ ହେବା ପାଇଁ ବାଛିଥିଲା।

୨ ଫେବୃଆରୀ, ୧୮୭୩ ରେ, ଜଣେ ବିଶେଷ ବ୍ୟକ୍ତିତ୍ୱ ଜନ୍ମଗ୍ରହଣ କରିଥିଲେ ଯିଏ ଲୋକଙ୍କ ଆଧ୍ୟାତ୍ମିକତାକୁ ଅନୁଭବ କରିବାର ପଦ୍ଧତିକୁ ସବୁଦିନ ପାଇଁ ବଦଳାଇ ଦେଲେ । ସେତେବେଳେ, ଦୁନିଆ ଜାଣି ନଥିଲା। କିପରି ବା ଜାଣିପାରିବ? ମହାନ ଆତ୍ମାମାନେ ନୀରବରେ, କୌଣସି ପ୍ରଦର୍ଶନ ବିନା, ସାଧାରଣ ଦୃଶ୍ୟ ପଛରେ ନିଜକୁ ଲୁଚାଇ ଆସନ୍ତି। କିନ୍ତୁ ପ୍ରକୃତି ଜାଣିଥିଲା, ଏବଂ ସେହି ଦିନ, ପ୍ରକୃତି ଏକ ନୀରବ ପ୍ରତିଶ୍ରୁତି ଦେଇଥିଲା।

ପିଲାଟିର ମାଆ ଜଣେ ସାଧୁ ମହିଳା ଥିଲେ ଯାହାଙ୍କ ହୃଦୟ ଭକ୍ତିରେ ପରିପୂର୍ଣ୍ଣ ଥିଲା। ଥରେ, ଜଣେ ଅବଧୂତ ତାଙ୍କ ଦ୍ୱାରକୁ ଖାଦ୍ୟ ଖୋଜି ଆସିଲେ। ଅବଧୂତ ଖାଦ୍ୟ ପାଇଁ ମାଛ ମାଗିଲେ,

କିନ୍ତୁ ତାଙ୍କ ପାଖରେ କିଛି ନଥିଲା, କାରଣ ସେ ମାଂସ ନା ରାନ୍ଧୁ ଥିଲେ ନା ଖାଉ ଥିଲେ। ଈଶ୍ୱରଙ୍କ କୃପାରୁ, ଘରର ବୁଦ୍ଧିମତୀ  ଦାସୀ ଜଣେ ପଡ଼ୋଶୀଙ୍କ ପାଖକୁ ଯାଇ ଦୁଇଟି ମାଛ ଆଣିଥିଲେ, ସାଧୁ ସେଗୁଡ଼ିକୁ ଖାଇସାରିବା ପରେ, ପଚାରିଲେ, "ତୁମେ କ'ଣ ଅସୁସ୍ଥ ଅଛ?" ମହିଳା ଚୁପ୍ ରହିଲେ, କିନ୍ତୁ ତାଙ୍କ ଦାସୀ ଉତ୍ତର ଦେଲେ, "ମୋ ଧର୍ମପରାୟଣ ମାଲିକାଣୀଙ୍କ ପାଖରେ ପିଲାଟିଏ ବ୍ୟତୀତ ସବୁକିଛି ଅଛି।"

"ଓଃ!" ସାଧୁ ଗଭୀର ନୀଳ ଆକାଶ ଆଡକୁ ଚାହିଁ କହିଲେ। କିଛି ମିନିଟ୍ ପରେ, ସେ ହସିଲେ, ସ୍ୱର୍ଗ ଆଡକୁ ତାଙ୍କ ଆଙ୍ଗୁଠି ଦେଖାଇ କହିଲେ, "ଏକ... ଦୁଇ... ଏକ... ଦୁଇ..." ଏବଂ ଚାଲିଗଲେ, ଆଉ କେବେ ଦେଖାଗଲେ ନାହିଁ।

ପରବର୍ତ୍ତୀ ବର୍ଷ, ୧୮୭୩ ମସିହାର ବସନ୍ତ ପଞ୍ଚମୀରେ ପ୍ରଥମ ପୁତ୍ର ଜନ୍ମ ହୋଇଥିଲେ , ଏବଂ ସେ ଥିଲେ ଫତେଗଡ଼ର ରାମ ଚନ୍ଦ୍ର, ଯାହାକୁ ଲାଲାଜୀ ମଧ୍ୟ କୁହାଯାଏ।

ଏହି ବିଶେଷ ବ୍ୟକ୍ତିତ୍ୱ ବିଷୟରେ ମୁଁ କ'ଣ କହିପାରିବି ଯାହା ପୂର୍ବରୁ କୁହାଯାଇ ନାହିଁ? କବିମାନେ ଚେଷ୍ଟା କରିଛନ୍ତି, ଶାସ୍ତ୍ରଗୁଡ଼ିକ ଏପରି ବ୍ୟକ୍ତିତ୍ୱଙ୍କ ଆଡ଼କୁ ଇଙ୍ଗିତ କରିଛନ୍ତି, ଏବଂ ଟେନିସନ ଏହି ଶବ୍ଦଗୁଡ଼ିକ ଲେଖିଛନ୍ତି ଯାହା କେବଳ ତାଙ୍କ ପାଇଁ ଉଦ୍ଦିଷ୍ଟ ମନେହୁଏ:

ମନୁଷ୍ୟତାର ମୂର୍ତ୍ତି, ଦିବ୍ୟତାର ଛାୟା,
ସର୍ବୋଚ୍ଚ, ସର୍ବପବିତ୍ର—ତୁମେ ମନୁଜର ଶିଖର।

ମାତ୍ର ସାତ ମାସ ରେ, ଯୁବକ ଅବସ୍ଥା ରେ, ସେ ତାହା ହାସଲ କଲେ ଯାହା ଅନେକ ଅଗଣିତ ଜୀବନକାଳ ରେ ହାସଲ କରିପାରି ନଥିଲେ। ଦିବ୍ୟ ଆଲୋକ ତାଙ୍କ ପାଇଁ ଏକ ସୁଦୂର ଅନୁସରଣୀୟ ଲକ୍ଷ୍ୟ ନଥିଲା ; ଏହା ତାଙ୍କ ଭିତରେ ସ୍ୱାଭାବିକ ଭାବରେ ଉପସ୍ଥିତ ଥିଲା। ସେ ଏହାକୁ ଖୋଜି ନଥିଲେ; ସେ ଦିବ୍ୟ ଆଲୋକ ହିଁ ଥିଲେ।

ଲାଲାଜୀଙ୍କ ମାଧ୍ୟମରେ ମାନବଜାତି ପାଇଁ ଏକ ବିସ୍ମୃତ ଐତିହ୍ୟ ପୁନର୍ଜୀବିତ ହୋଇଥିଲା— ପ୍ରଣାହୁତିର ପବିତ୍ର ବିଜ୍ଞାନ,ଜୀବନର ସାରତତ୍ତ୍ୱ ନିଜେ, ଯାହା 'ପ୍ରାଣସ୍ୟ ପ୍ରାଣ' ର ସଂଚାର

ଭାବେ ମଧ୍ୟ ପରିଚିତ । ଏହି ଗଭୀର ଜ୍ଞାନ ପ୍ରଥମେ ଅଯୋଧ୍ୟାର ଶ୍ରୀରାମଚନ୍ଦ୍ରଜୀଙ୍କ ପୂର୍ବରୁ ତେସ୍ତୋରି (୭୩) ପିଢ଼ୀ ପୂର୍ବେ ପୂଜ୍ୟ ଶ୍ରୀ ରଷଭଦେବଜୀ ମହାରାଜଙ୍କ ଦ୍ୱାରା ପ୍ରଚଳିତ ହୋଇଥିଲା, ଯିଏ ଜୀବନର ମୂଳ ସାରକୁ ସଂଚାର କରିବାର ଏହି ସୂକ୍ଷ୍ମ ବିଜ୍ଞାନକୁ ଉଦ୍ଘାଟିତ କରିଥିଲେ।

ଦିବ୍ୟ ସଂଚାର ମାଧ୍ୟମରେ, ଚେତନାର ଉଚ୍ଚତର କ୍ଷେତ୍ରର ଦ୍ୱାର ଖୋଲିଯାଏ। ସାଧକମାନେ ଜୀବନରୁ ସନ୍ୟାସକୁ ପ୍ରତ୍ୟାହାର କରି ନୁହେଁ ବରଂ ସୁସଙ୍ଗତ ସମନ୍ୱୟ ମାଧ୍ୟମରେ ବ୍ରହ୍ମବିଦ୍ୟାର ପ୍ରବେଶ ପାଆନ୍ତି: ପରମାତ୍ମାଙ୍କ ସହିତ ଅନ୍ତର୍ନିହିତ ଭାବରେ ଏକତା ସହିତ ସଂସାରରେ ସମ୍ପୂର୍ଣ୍ଣ ଭାବରେ ଜୀବନଯାପନ କରି , ଗୃହସ୍ଥ  ଭାବରେ ଭୌତିକ ଏବଂ ଆଧ୍ୟାତ୍ମିକ କର୍ତ୍ତବ୍ୟ ଉଭୟ ପାଳନ କରି। ଏହି ଦିବ୍ୟ ସଂଚାରର ଜୀବନ୍ତ ଧାରା ଜଣେ ସାଧକଙ୍କୁ ସମାଧି ଅବସ୍ଥାକୁ ଦ୍ରୁତ ଗତିରେ ନେଇଯାଏ, ପ୍ରାୟତଃ ନିଷ୍ଠାପର ଦୈନନ୍ଦିନ ଅଭ୍ୟାସ ମାଧ୍ୟମରେ ବହୁତ କମ୍ ସମୟ ମଧ୍ୟରେ।

ତଥାପି, ମାନବ ଇତିହାସର ପ୍ରଗତି ସହିତ, ଏହି ମୂଲ୍ୟବାନ ବିଜ୍ଞାନ ଧୀରେ ଧୀରେ ମାନବ ସଚେତନତାରୁ ଲୁପ୍ତ ହୋଇଗଲା ଏବଂ ଶେଷରେ ହଜିଗଲା। ଭାଗ୍ୟ ହସ୍ତକ୍ଷେପ କରିବା ପର୍ଯ୍ୟନ୍ତ ଏହା ସୁପ୍ତ ରହିଲା, ଲାଲାଜୀ ମହାରାଜ ଏହି ପବିତ୍ର ଧାରାକୁ ପୁନଃଆବିଷ୍କାର ଏବଂ ପୁନର୍ଜୀବିତ କଲେ, ମାନବଜାତି ପାଇଁ  ସର୍ବୋଚ୍ଚ ପରମାତ୍ମାଙ୍କ ପର୍ଯ୍ୟନ୍ତ ଏକ ସିଧାସଳଖ, ଜୀବନ୍ତ ପଥ ପୁନଃସ୍ଥାପିତ କଲେ। ଏହା ଥିଲା ଲାଲାଜୀଙ୍କ ଉପହାର: କେବଳ ଦର୍ଶନ ଏବଂ ଶିକ୍ଷା ନୁହେଁ, ବରଂ ହୃଦୟରୁ ହୃଦୟକୁ ଆଧ୍ୟାତ୍ମିକ ସାରର ପ୍ରକୃତ ପ୍ରସାରଣ।

ଏବଂ ତା'ପରେ ଶିଷ୍ୟ ଆସିଲେ।



ଦିବ୍ୟ ସଂଚାର ମାଧ୍ୟମରେ, ଚେତନାର ଉଚ୍ଚତର କ୍ଷେତ୍ରର ଦ୍ୱାର ଖୋଲିଯାଏ। ସାଧକମାନେ ଜୀବନରୁ ସନ୍ୟାସକୁ ପ୍ରତ୍ୟାହାର କରି ନୁହେଁ ବରଂ ସୁସଙ୍ଗତ ସମନ୍ୱୟ ମାଧ୍ୟମରେ ବ୍ରହ୍ମବିଦ୍ୟାର ପ୍ରବେଶ ପାଆନ୍ତି: ପରମାତ୍ମାଙ୍କ ସହିତ ଅନ୍ତର୍ନିହିତ ଭାବରେ ଏକତା ସହିତ ସଂସାରରେ ସମ୍ପୂର୍ଣ୍ଣ ଭାବରେ ଜୀବନଯାପନ କରି , ଗୃହସ୍ଥ  ଭାବରେ ଭୌତିକ ଏବଂ ଆଧ୍ୟାତ୍ମିକ କର୍ତ୍ତବ୍ୟ ଉଭୟ ପାଳନ କରି।

ଶାହଜାହାନପୁରରେ, ରାମ ଚନ୍ଦ୍ର (ବାବୁଜୀ) ନାମକ ଜଣେ ଯୁବକ ଫତେଗଡ଼ର ସନ୍ଥଙ୍କ ବିଷୟରେ ଶୁଣିଲେ। ଲାଲାଜୀଙ୍କ ନାମ ଶୁଣି ତାଙ୍କ ଭିତରେ କିଛି ଆନ୍ଦୋଳନ  ହେଲା, ତେଣୁ ସେ ତାଙ୍କୁ ଭେଟିବାକୁ ଗଲେ। ଜୁନ୍ 3, 1922 ରେ ସେହି ପ୍ରଥମ ସାକ୍ଷାତ ତାଙ୍କ ଜୀବନକୁ ସବୁଦିନ ପାଇଁ ବଦଳାଇ ଦେଇଥିଲା।

ସେ ପରେ ଲେଖିଥିଲେ: "ଯେତେବେଳେ ମୁଁ ପ୍ରଥମ ଥର ପାଇଁ ମୋ ଗୁରୁଙ୍କ ପାଖକୁ ଆସିଲି, ମୁଁ ଏପରି ଏକ ମାନସିକ ଅବସ୍ଥା ଅନୁଭବ କଲି ଯାହାର କୌଣସି ତୁଳନା ନାହିଁ। ସେହି ମୁହୂର୍ତ୍ତରେ ମୁଁ ଯେଉଁ ଆନନ୍ଦ ଅନୁଭବ କରିଥିଲି ତାହା ମୁଁ ଠିକ୍ ଭାବରେ ବର୍ଣ୍ଣନା କରିପାରିବି ନାହିଁ। ସେହି ଦିନଠାରୁ, ମୁଁ ଏକ ନୂତନ ଜୀବନ ବଞ୍ଚିବା ଆରମ୍ଭ କଲି। ସବୁକିଛି ବଦଳିଯାଇଥିବା ପରି ମନେ ହେଉଥିଲା। ଦୁନିଆ ଭିନ୍ନ କିଛି ମନେ ହେଉଥିଲା।"

ଏବଂ ଏହିପରି ଏକ ପ୍ରେମ କାହାଣୀ ଆରମ୍ଭ ହେଲା ଯାହା ଆଧ୍ୟାତ୍ମିକ ଇତିହାସରେ ଅନ୍ୟ ସମସ୍ତ ପ୍ରେମ କାହାଣୀକୁ ପଛରେ ପକାଇଦେଲା। ମୁଁ ଏହି ଶବ୍ଦଗୁଡ଼ିକୁ ହାଲୁକା ଭାବରେ ବ୍ୟବହାର କରୁନାହିଁ, କାରଣ ଲାଲାଜୀ ଏବଂ ତାଙ୍କ ଶିଷ୍ୟଙ୍କ ମଧ୍ୟରେ ଯାହା ଘଟିଥିଲା ତାହା କୌଣସି ସାଧାରଣ ଭକ୍ତି ନୁହେଁ। ଏହା ଜଣେ ଶିଷ୍ୟଙ୍କ ତାଙ୍କ ଗୁରୁଙ୍କ ପ୍ରତି ଶ୍ରଦ୍ଧାଠାରୁ ଅଧିକ ଥିଲା। ଏହା ଶବ୍ଦ ବାହାରେ କିଛି ଥିଲା, ଯାହା ଦେଖି ସ୍ୱର୍ଗର ଦେବତାମାନେ ମଧ୍ୟ ଆଶ୍ଚର୍ଯ୍ୟରେ ନିର୍ବାକ ହୋଇଗଲେ।

ବାବୁଜୀ ତାଙ୍କର ସମ୍ପର୍କ ବିଷୟରେ ଥରେ  କହିଥିଲେ—"ଆମେ ଓସ୍ମୋସିସ୍ରେ ଥିଲୁ, ଆଧ୍ୟାତ୍ମିକ ଭାବେ ସମ୍ପୂର୍ଣ୍ଣ ଏକାତ୍ମ ଥିଲୁ, ଆମ ହୃଦୟ ଦୁଇଟି ନୁହେଁ—ଗୋଟିଏ ମାତ୍ରଥିଲା। ପ୍ରିୟତମଙ୍କ ତୁଳନାରେ  କିଛି ଭି ଅତି ସୁନ୍ଦର ନୁହେଁ; ଏପରି ପ୍ରେମ ମନୁଷ୍ୟକୁ ନିଜ ସୀମା ଅତିକ୍ରମ କରି, ତାଙ୍କ ସନ୍ତୋଷ ପାଇଁ ଯଥାସମ୍ଭବ ପ୍ରୟାସ ପାଇଁ ପ୍ରେରିତ କରେ।"

ଅନ୍ୟତ୍ର, ସେ ସ୍ୱୀକାର କରିଥିଲେ ଯେ ସେ ଲାଲାଜୀଙ୍କ ବିନା ଗୋଟିଏ ମୁହୂର୍ତ୍ତ ମଧ୍ୟ ବଞ୍ଚିପାରିବେ ନାହିଁ। ସେ ଦଶନ୍ଧି ପୂର୍ବରୁ ଦେହାନ୍ତ ହୋଇଥିବା ଶାରୀରିକ ଲାଲାଜୀଙ୍କ କଥା କହୁନଥିଲେ, ବରଂ ତାଙ୍କ ନିଶ୍ୱାସର ପ୍ରଶ୍ୱାସ, ତାଙ୍କ ଆତ୍ମାର ଜୀବନ, ତାଙ୍କ ଜୀବନର ଜୀବନ ପାଲଟିଥିବା ଲାଲାଜୀଙ୍କ କଥା କହୁଥିଲେ।

ମୁଁ ଆପଣଙ୍କ ସହିତ ଏପରି କିଛି ବାଣ୍ଟିବାକୁ ଚାହୁଁଛି ଯାହା ପ୍ରତିଥର ପଢ଼ିବା ସମୟରେ ମୋ ଆଖିରେ ଲୁହ ଆଣିଦିଏ।

ଲାଲାଜୀଙ୍କ ଲେଖାରେ ବାବୁଜୀଙ୍କ ବିଷୟରେ ଏକ ବିବୃତ୍ତି ଅଛି ଯାହା ଆମକୁ ଆଶ୍ଚର୍ଯ୍ୟ କରିବା ଉଚିତ। ଲାଲାଜୀ ଲକ୍ଷ୍ୟ କରିଥିଲେ ଯେ ବାବୁଜୀ, ତାଙ୍କ ପତ୍ନୀଙ୍କ ସହିତ ସବୁଠାରୁ ପବିତ୍ର ମୁହୂର୍ତ୍ତରେ ମଧ୍ୟ, ଗୋଟିଏ ନିଶ୍ୱାସ ପାଇଁ ମଧ୍ୟ ତାଙ୍କ ହୃଦୟରେ ତାଙ୍କ ଗୁରୁଙ୍କୁ ଛାଡ଼ି ନଥିଲେ। ସାଂସାରିକ ଜୀବନର ସମସ୍ତ ପରିସ୍ଥିତିରେ ସେମାନଙ୍କର ବନ୍ଧନ ଅତୁଟ ରହିଥିଲା।

ଏହା ପ୍ରକୃତ ବ୍ରହ୍ମଚର୍ଯ୍ୟ: ସାଂସାରିକ ଜୀବନରୁ ଦୂରେଇ ରହିବା ନୁହେଁ, ବରଂ ଏହା ଥିଲା ନିରନ୍ତର ସଚେତନତା । ବାବୁଜୀ ଙ୍କ ଶରୀର ସାଂସାରିକ କାର୍ଯ୍ୟରେ ନିୟୋଜିତ ଥିଲାବେଳେ ମଧ୍ୟ ତାଙ୍କ ମନ ସର୍ବଦା ଉଚ୍ଚତର ଉପରେ କେନ୍ଦ୍ରିତ ଥିଲା।

କେଉଁ ପ୍ରେମ ଏପରି ସ୍ମୃତି କୁ ବଜାୟ ରଖିପାରିବ? କେଉଁ ଭକ୍ତି ଏପରି ନିରନ୍ତରତାକୁ ବଜାୟ ରଖିପାରିବ?

ମୁଁ ଏବେ ତୁମକୁ କିଛି ଅସାଧାରଣ କଥା କହିବି।

୨୧ ମାର୍ଚ୍ଚ, ୧୯୪୫ରେ ହ୍ୱିସପର୍ସ ଫ୍ରମ୍ ଦି ବ୍ରାଇଟର ୱାର୍ଲ୍ଡରେ ରେକର୍ଡ ହୋଇଥିବା ଏକ ଆନ୍ତଃଯୋଗାଯୋଗରେ, ଏକ ଆଦାନପ୍ରଦାନ ଅଛି ଯାହା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବା ଉଚିତ। ପ୍ରଥମେ, ସିଂହାତ୍ମକ ସ୍ୱାମୀ ବିବେକାନନ୍ଦ, ଲାଲାଜୀଙ୍କର ବାବୁଜୀଙ୍କ ପ୍ରତି ପ୍ରେମ ବିଷୟରେ କହିଥିଲେ, ଏବଂ ତା'ପରେ ଭଗବାନ କୃଷ୍ଣ ଲାଲାଜୀଙ୍କ ପ୍ରତି ବାବୁଜୀଙ୍କ ପ୍ରେମ ବିଷୟରେ କହିଥିଲେ।



**ମୁଁ ଏହି ଶବ୍ଦଗୁଡ଼ିକୁ ହାଲୁକା ଭାବରେ ବ୍ୟବହାର କରୁନାହିଁ, କାରଣ ଲାଲାଜୀ ଏବଂ ତାଙ୍କ ଶିଷ୍ୟଙ୍କ ମଧ୍ୟରେ ଯାହା ଘଟିଥିଲା ତାହା କୌଣସି ସାଧାରଣ ଭକ୍ତି ନୁହେଁ। ଏହା ଜଣେ ଶିଷ୍ୟଙ୍କ ତାଙ୍କ ଗୁରୁଙ୍କ ପ୍ରତି ଶ୍ରଦ୍ଧାଠାରୁ ଅଧିକ ଥିଲା। ଏହା ଶବ୍ଦ ବାହାରେ କିଛି ଥିଲା, ଯାହା ଦେଖି ସ୍ୱର୍ଗର ଦେବତାମାନେ ମଧ୍ୟ ଆଶ୍ଚର୍ଯ୍ୟରେ ନିର୍ବାକ ହୋଇଗଲେ।**

ସ୍ୱାମୀ ବିବେକାନନ୍ଦ କହିଥିଲେ, "ଆମର ପ୍ରଭୁ [ଲାଲାଜୀ] ତୁମ ପ୍ରତି ତାଙ୍କର ପ୍ରେମ ବିଷୟରେ ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ସତ୍ୟ। ସେ ତୁମ ପ୍ରେମରେ ଜଳୁଛନ୍ତି। ମୁଁ ମୋ ସମଗ୍ର ଜୀବନରେ ଏପରି ଉଦାହରଣ କେବେ ଦେଖିନାହିଁ।" ତା'ପରେ ସେ ଆହୁରି କହିଲେ, "ଲୋକମାନେ ପରମେଶ୍ୱରଙ୍କ ପାଇଁ ନିଜର ଘର ଛାଡି ଦିଅନ୍ତି: ସେ ତୁମ ପାଇଁ ନିଜର ଘର ଛାଡି ଦେଇଛନ୍ତି। ଏହା ଏକ ମୁକ୍ତ ଆତ୍ମାର ସର୍ବୋଚ ବଳିଦାନ," ଏହା ଶୁଣି ଲାଲାଜୀ ବାବୁଜୀଙ୍କୁ ବାଧାଦେଲେ ଏବଂ ଏହି କଥାବାର୍ତ୍ତା ତାଙ୍କ ଡାଏରୀରେ ଲିପିବଦ୍ଧ ନକରିବାକୁ ନିର୍ଦ୍ଦେଶ ଦେଲେ।ମୁକ୍ତ ପୁରୁଷ ଲାଲାଜୀ ନିଜ ଭଣ୍ଡାର—ତାଙ୍କର ଦିବ୍ୟ ଧାମ—ଶିଷ୍ୟ ବାବୁଜୀଙ୍କ ପାଇଁ ଛାଡ଼ିଦେଇଥିଲେ। ଶିକ୍ଷକ ଶିଷ୍ୟ ପାଇଁ ଅବତୀର୍ଣ୍ଣ ହେଲେ; ସ୍ୱର୍ଗ ଧରା ଦିଗକୁ ଓହ୍ଲାଇଲା।

ଏବଂ ତା'ପରେ ଭଗବାନ କୃଷ୍ଣ କହିଲେ, ଏବଂ ତାଙ୍କର ବାକ୍ୟ ଆଜିଯାଏଁ ଲେଖୁବାବେଳେ ମୋ ହାତ କମ୍ପେ: "ସ୍ୱାମୀ ବିବେକାନନ୍ଦ ଯାହା କହିଛନ୍ତି ତାହା ଅକ୍ଷରତଃ ଠିକ୍, ଏବଂ ଏହା ଲେଖିବାରେ କୌଣସି କ୍ଷତି ନାହିଁ ଯେ ପ୍ରେମ ରେ ତୁମେ ରାଧାଙ୍କୁ ମଧ୍ୟ ପଛରେ ପକାଇଛ... ରାଧାଙ୍କର ପ୍ରେମ ଏବେ ତୁମ ପରେ ଦ୍ୱିତୀୟ।"

ଆପଣ ବୁଝୁଛନ୍ତି କି ଏହାର ଅର୍ଥ କଣ? ରାଧାଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ପ୍ରେମ ହଜାରହଜାର ବର୍ଷ ଧରି ଭକ୍ତିର ସର୍ବୋଚ୍ଚ ଦୃଷ୍ଟାନ୍ତ ଭାବେ ପୂଜିତ ହୋଇଆସିଛି। ରାଧା ନାମ ନିଜେ ଦିବ୍ୟ ପ୍ରେମର ପର୍ଯ୍ୟାୟବାଚୀ ହୋଇଯାଇଛି; ତଥାପି ଭଗବାନ ଶ୍ରୀକୃଷ୍ଣ ଘୋଷଣା କରୁଛନ୍ତି ଯେ ଲାଲାଜୀ ପ୍ରତି ବାବୁଜୀଙ୍କ ପ୍ରେମ ସେହି ରାଧାଙ୍କ ପ୍ରେମକୁ ମଧ୍ୟ ଅତିକ୍ରମ କରିଥିଲା।

କିନ୍ତୁ କାହାଣୀଟି ଏଠି ଶେଷ ହୁଏ ନାହିଁ। ତିନି ଦିନ ପରେ, ଏହା ସମଗ୍ର ସୃଷ୍ଟିରେ ଏପରି ଏକ ଚରମ ସୀମାରେ ପହଞ୍ଚିଥାଏ ଯାହାର ପୂର୍ବ ଉଦାହରଣ ନାହିଁ।

୧୯୪୫ ମାର୍ଚ୍ଚ ୨୪ ତାରିଖର ଶୁଭଦିନରେ, ଲାଲାଜୀ ବାବୁଜୀଙ୍କୁ ପରମାତ୍ମାଙ୍କ ଠାରୁ ସିଧାସଳଖ ଦୀକ୍ଷା ପ୍ରାପ୍ତ କରାଇଥିଲେ। ଏହାକୁ ଦେଖି ଭଗବାନ ଶ୍ରୀକୃଷ୍ଣ କହିଲେ — "ଏହା ଏକ ଅତ୍ୟନ୍ତ ଶୁଭଦିନ, କାରଣ ତୁମ ପୂଜ୍ୟଗୁରୁ ତୁମକୁ ସର୍ବୋଚ୍ଚ ସତ୍ୟ ଠାରୁ ସିଧାସଳଖ ଦୀକ୍ଷା କରାଇଛନ୍ତି। ଏହାକୁ ପ୍ରକୃତ ଦୀକ୍ଷା କୁହାଯାଏ। ସୃଷ୍ଟି ଆରମ୍ଭରୁ ଏହା ଏ ପ୍ରକାରର ପ୍ରଥମ ଉଦାହରଣ।"

ସ୍ୱାମୀ ବିବେକାନନ୍ଦ ଆହୁରି କହିଲେ, "ପରମାତ୍ମାଙ୍କ ସହିତ ଆପଣଙ୍କର ପ୍ରତ୍ୟକ୍ଷ ଦୀକ୍ଷା ଖବର ଶୁଣି ମୁଁ ଆନନ୍ଦରେ ଉଲ୍ଲସିତ। ଏହା ଜଗତର ଆରମ୍ଭରୁ ପ୍ରଥମ ଉଦାହରଣ।"

ଏବେ, ଅଟକି ଯାଅ ଏବଂ ଏପରି କିଛି ବିଷୟରେ ଚିନ୍ତା କର ଯାହା ମୋ ହୃଦୟରେ ଆଶ୍ଚର୍ଯ୍ୟଭରା ବେଦନା ଦିଏ।

ଏହି ସର୍ବୋଚ୍ଚ ଘଟଣା ପରେ ଲାଲାଜୀ ଗୋଟିଏ ଶାନ୍ତ, ସରଳ କଥା କହିଥିଲେ, ଯାହା ତାଙ୍କର ଗଭୀର ନିଃସ୍ୱାର୍ଥପରତାକୁ ପ୍ରକାଶ କରେ। ସେ କହିଥିଲେ—"ପ୍ରତ୍ୟକ୍ଷ ଦୀକ୍ଷା ସମ୍ପୂର୍ଣ୍ଣ ଭାବେ ମୋର ପଦ୍ଧତି। ପୂର୍ବରୁ ଏହା କେହି ଭି ବୁଝି ପାରିନଥିଲେ ନା  କି ଏହା କେବେ ପ୍ରୟୋଗରେ ଆସିଥିଲା।"

ଆପଣ ବୁଝିପାରୁଛନ୍ତି କି ଏହାର ଅର୍ଥ କ'ଣ? ଲାଲାଜୀ ଏହି ପଦ୍ଧତି ଜାଣିଥିଲେ କାରଣ ଏହା ତାଙ୍କର ନିଜସ୍ୱ ଆବିଷ୍କାର ଥିଲା। ତାଙ୍କ ଜୀବନକାଳ ମଧ୍ୟରେ, ସେ  ବୁଝିପାରିଥିଲେ ଯାହା ତାଙ୍କ ପୂର୍ବରୁ କୌଣସି ଆତ୍ମା କେବେ ବୁଝିପାରି ନଥିଲେ: ପରମସତ୍ତା ଦ୍ୱାରା ପ୍ରତ୍ୟକ୍ଷ ଦୀକ୍ଷାର ସମ୍ଭାବନା। ସେ ଏହାକୁ ନିଜ ପାଇଁ ବ୍ୟବହାର କରିପାରିଥାନ୍ତେ, କିନ୍ତୁ ସେ ତାହା କଲେ ନାହିଁ। ସେ ଏହି ପରମ ଗୁପ୍ତକଥା ନିଜ ଭିତରେ ରଖିଥିଲେ, ତାଙ୍କ ପ୍ରିୟ ଶିଷ୍ୟ ଏପରି ଏକ ସ୍ଥିତିରେ ପହଞ୍ଚିବା ପର୍ଯ୍ୟନ୍ତ  ଅପେକ୍ଷା କରିଥିଲେ ଯେତେବେଳ  ଏପରି ଏକ ଦାନ ଗ୍ରହଣ କରାଯାଇପାରିବ। ଏବଂ ଯେତେବେଳେ ବାବୁଜୀ ସେହି ଉଚ୍ଚ ଅବସ୍ଥାରେ ପହଞ୍ଚିଲେ, ଲାଲାଜୀ ତାଙ୍କ ଶିଷ୍ୟଙ୍କ ପାଇଁ ଏହି ପଦ୍ଧତି ବ୍ୟବହାର କରିଥିଲେ।

ଶିକ୍ଷକ ଛାତ୍ରକୁ ନିଜେ ନ ନେଇ ପ୍ରଥମ ସ୍ଥାନ ଦେଇଥିଲେ। ଏପରି ପ୍ରେମ ତର୍କର ବାହାରେ, ହୁଏତ ଜଣେ ପିତାମାତା  ସନ୍ତାନ ପାଇଁ ସର୍ବାଙ୍ଗୀନ ତ୍ୟାଗ କରୁଥିବା କିମ୍ବା ଜଣେ ପ୍ରେମିକ



ଏହି ସର୍ବୋଚ୍ଚ ଘଟଣା ପରେ ଲାଲାଜୀ ଗୋଟିଏ ଶାନ୍ତ, ସରଳ କଥା କହିଥିଲେ, ଯାହା ତାଙ୍କର ଗଭୀର ନିଃସ୍ୱାର୍ଥପରତାକୁ ପ୍ରକାଶ କରେ। ସେ କହିଥିଲେ—"ପ୍ରତ୍ୟକ୍ଷ ଦୀକ୍ଷା ସମ୍ପୂର୍ଣ୍ଣ ଭାବେ ମୋର ପଦ୍ଧତି। ପୂର୍ବରୁ ଏହା କେହି ଭି ବୁଝି ପାରିନଥିଲେ ନା  କି ଏହା କେବେ ପ୍ରୟୋଗରେ ଆସିଥିଲା।"

ତାଙ୍କ ପ୍ରିୟଙ୍କୁ ସବୁକିଛି ଦେଉଥିବା ଅପେକ୍ଷା ମଧ୍ୟ ଅଧିକ। ଏଠାରେ, ଗୁରୁ ପରମ ଆଧ୍ୟାତ୍ମିକ ଉପହାର ଆବିଷ୍କାର କଲେ ଏବଂ ଏହା ତାଙ୍କ ଶିଷ୍ୟଙ୍କୁ ଦେଲେ, ସେ ପୃଷ୍ଠଭୂମିରେ ରହି ସନ୍ତୁଷ୍ଟ, ତାଙ୍କ ଶିଷ୍ୟଙ୍କୁ ସେ ନିଜ ଠାରୁ ଅଧିକ ଉଚ୍ଚତାକୁ ଉଠିବାର ଦେଖି ସନ୍ତୁଷ୍ଟ।

ଏବଂ ଏହି ସର୍ବୋଚ୍ଚ ଉପହାର ପ୍ରଦାନ କରିବା ପରେ ଲାଲାଜୀ ନିଜ ବିଷୟରେ କ'ଣ କହିଥିଲେ? ସେ ଏକ ପାରସ୍ୟର ଧାରା ଉଦ୍ଧୃତ କରିଥିଲେ: "ରାଜା ମହମୁଦ ଗଜନବୀ, ଯିଏ ହଜାର ହଜାର ଦାସଙ୍କ ମାଲିକ ଥିଲେ, ଦାରିଦ୍ର୍ୟ ଦ୍ୱାରା ଏପରି କବଳିତ ହୋଇଥିଲେ ଯେ ତାଙ୍କୁ ଦାସର ଦାସର ସ୍ଥିତିକୁ ହ୍ରାସ କରାଯାଇଥିଲା।" ଏବଂ ତା'ପରେ ଲାଲାଜୀ କେବଳ ଯୋଡିଲେ, "ଏହା ମୋର ଅବସ୍ଥା।"

ଗୁରୁମାନଙ୍କ ଗୁରୁ, ହଜିଯାଇଥିବା ଜିନିଷ ପୁନରୁଦ୍ଧାର କରିଥିବା ବିଶେଷ ବ୍ୟକ୍ତିତ୍ୱ, ଯାହାଙ୍କ ମାଧ୍ୟମରେ ପ୍ରାଣାହୁତି ସମଗ୍ର ମାନବଜାତିକୁ ପ୍ରବାହିତ ହୁଏ, ସେ ନିଜକୁ "ଦାସର ଦାସ" ଭାବରେ ବର୍ଣ୍ଣନା କରିଥିଲେ କାରଣ ସେ ତାଙ୍କ ଶିଷ୍ୟଙ୍କୁ ନିଜଠାରୁ ମହାନ କିଛି ଦେଇଥିଲେ।

ଏଠାରେ ଆମେ ଜଣେ ଗୁରୁଙ୍କ ମହାନ ପ୍ରେମର ସାକ୍ଷ୍ୟ, ଯିଏ ତାଙ୍କ ଶିଷ୍ୟ ପ୍ରଥମେ ଏହାର ସ୍ୱାଦ ଚାଖିପାରିବେ ବୋଲି ନିଜଠାରୁ ସର୍ବୋତ୍ତମ ଫଳକୁ ଲୁଚାଇ ରଖିଥିଲେ। ତାଙ୍କର ହୃଦୟ ଏତେ ବିଶାଳ ଥିଲା ଯେ ଯେତେବେଳେ ସେ ସୃଷ୍ଟିର ସର୍ବୋତ୍ତମ ରହସ୍ୟ ଜାଣିଲେ, ସେ ଏହାକୁ ଅନ୍ୟକୁ ଦେଇଥିଲେ। କିନ୍ତୁ ଏହାକୁ ଏକ ବଳିଦାନ କହିବା ହେଉଛି ଜଣେ ପ୍ରକୃତ ଗୁରୁଙ୍କ ହୃଦୟକୁ ଭୁଲ ବୁଝିବା। ଏହି ଉପହାର ଲାଲାଜୀଙ୍କୁ ଅପାର ଆନନ୍ଦ ଦେଇଥିଲା।

ପ୍ରକୃତରେ, ଜଣେ ଗୁରୁଙ୍କ ପାଇଁ ସବୁଠାରୁ ବଡ଼ ଆନନ୍ଦ ହେଉଛି ତାଙ୍କ ଶିଷ୍ୟଙ୍କୁ ନିଜକୁ ଅତିକ୍ରମ କରିବାର ଦେଖିବା, ତାଙ୍କ ପ୍ରିୟଜନଙ୍କୁ ତାଙ୍କଠାରୁ ଉପରକୁ ଉଠିବାର ଦେଖିବା, ସବୁକିଛି ଦେବା ଏବଂ ପ୍ରତିବଦଳରେ କେବଳ ସନ୍ତୋଷ ଅନୁଭବ କରିବା। ଜଣେ ମା' ତାଙ୍କ ପିଲାକୁ ଖାଦ୍ୟ ଦେବା ସମୟରେ କୌଣସି ବଳିଦାନ ଦିଅନ୍ତି ନାହିଁ, କିମ୍ବା ନଦୀ ଯେତେବେଳେ ସମୁଦ୍ରରେ ମିଶିଯାଏ ସେତେବେଳେ କୌଣସି ବଳିଦାନ ଦିଏ ନାହିଁ। ଲାଲାଜୀଙ୍କ ପାଇଁ, ବାବୁଜୀଙ୍କୁ ପରମାତ୍ମାଙ୍କ ଠାରୁ ସିଧାସଳଖ ଦୀକ୍ଷା ଗ୍ରହଣ କରିଥିବା ପ୍ରଥମ ବ୍ୟକ୍ତି କରିବା ଏକ ପରିପୂର୍ଣ୍ଣତା ଏବଂ ଆନନ୍ଦର ଉତ୍ସ ଥିଲା।

ଏହା ହେଉଛି ପ୍ରେମ। ଏହା ହେଉଛି ପଥ। ବସନ୍ତ ପଞ୍ଚମୀରେ ଆମେ ଏହା ପାଳନ କରୁ।

ଲାଲାଜୀ ଥରେ ବର୍ତ୍ତମାନର ସମୟ ବିଷୟରେ କହିଥିଲେ, "ଏହି ସମୟ ଆଉ ବହୁତ ଦିନ ପାଇଁ ଆସିବ ନାହିଁ। ଏହି ନିର୍ଦ୍ଦିଷ୍ଟ ସମୟ ପାଇଁ, ଏହି କଥାଟି ପ୍ରଯୁଜ୍ୟ: 'ମଜନୁନ୍ ଜଙ୍ଗଲକୁ ନିଜର ଘର କରିଦେଇଥିଲେ, କିନ୍ତୁ ମୁଁ ଜଙ୍ଗଲକୁ ମୋର ଘର କରିଦେଲି।'" ପ୍ରେମରେ ପାଗଳ ହୋଇ ପ୍ରସିଦ୍ଧ ପ୍ରେମିକ ମଜନୁନ୍ ସଭ୍ୟତା ଛାଡି ଜଙ୍ଗଲରେ ବୁଲିବାକୁ ଲାଗିଲେ। ବିପରୀତରେ, ଗୁରୁ ଲାଲାଜୀ ତାଙ୍କର ସ୍ୱର୍ଗ ଭଳି ଘରକୁ ତାଙ୍କ ଶିଷ୍ୟଙ୍କ ପାଇଁ ଆଗ୍ରହର ଜଙ୍ଗଲରେ ପରିଣତ କରିଥିଲେ...

ଭଗବାନ ଶ୍ରୀକୃଷ୍ଣ ବାବୁଜୀଙ୍କ ଯୋଗ୍ୟତାର ପରିମାଣକୁ ଅନୁତ୍ତର ବୋଲି ବର୍ଣ୍ଣନା କରିଥିଲେ, ଯାହା ସର୍ବୋଚ୍ଚ ବର୍ଗୀକରଣ। ସେ କହିଥିଲେ, "ଏପରି ଯୋଗ୍ୟତା ବର୍ଷ, ଶତାବ୍ଦୀ କିମ୍ବା ସହସ୍ରାବ୍ଦ ପରେ କେତେବେଳେ ହଠାତ୍ ଜନ୍ମ ନିଏ, ଯାହାର କୌଣସି ତୁଳନା ନାହିଁ। ଏପରି ଯୋଗ୍ୟ ବ୍ୟକ୍ତି ଈଶ୍ୱରଙ୍କ ଆଦେଶରେ ଜନ୍ମ ନିଅନ୍ତି। ତୁମେ ଏହାର ଉଦାହରଣ।"

୧୯୩୧ ମସିହାରେ ଲାଲାଜୀଙ୍କ ଦେହାନ୍ତ ହେବା ପରେ, ବାବୁଜୀ ଲେଖିଥିଲେ, "ସତ୍ୟ କହିବାକୁ ଗଲେ, ମୋର ଗୁରୁ ମୃତ୍ୟୁବରଣ କରିନଥିଲେ, କିନ୍ତୁ ମୁଁ ଏପରି ଅନୁଭବ କଲି ଯେପରି ମୁଁ ମରିଗଲି।" ତା'ପରେ ତାଙ୍କର ଡାଏରୀ ଅନେକ ବର୍ଷ ପର୍ଯ୍ୟନ୍ତ ନୀରବ ରହିଲା। ଲାଲାଜୀ ଜୀବିତ ଥିବା ସମୟରେ ଏତେ କିଛି ଲେଖିଥିବା ପରିଶ୍ରମୀ ଶିଷ୍ୟ ନୀରବତାର ଏକ ଯୁଗରେ ପ୍ରବେଶ କଲେ; ସେହି ଅନ୍ଧାରରେ କିଛି ପ୍ରସ୍ଫୁଟିତ ହେବା ନିଶ୍ଚିତ ଥିଲା।

ଏବଂ ତା'ପରେ, 1944 ମସିହାରେ, ସେମାନଙ୍କର ଯୋଗାଯୋଗ ପୁଣି ଆରମ୍ଭ ହେଲା। ଶାରୀରିକ ମୃତ୍ୟୁ ସହିତ ଶେଷ ମନେ ହେଉଥିବା ଏକ ସମ୍ପର୍କ କେବଳ ରୂପ ବଦଳାଇଥିଲା।



**ପ୍ରକୃତରେ, ଜଣେ ଗୁରୁଙ୍କ ପାଇଁ ସବୁଠାରୁ ବଡ଼ ଆନନ୍ଦ ହେଉଛି ତାଙ୍କ ଶିଷ୍ୟଙ୍କୁ ନିଜକୁ ଅତିକ୍ରମ କରିବାର ଦେଖିବା, ତାଙ୍କ ପ୍ରିୟଜନଙ୍କୁ ତାଙ୍କଠାରୁ ଉପରକୁ ଉଠିବାର ଦେଖିବା, ସବୁକିଛି ଦେବା ଏବଂ ପ୍ରତିବଦଳରେ କେବଳ ସନ୍ତୋଷ ଅନୁଭବ କରିବା।**

ଲାଲାଜୀ ମାର୍ଗଦର୍ଶନ, ଜ୍ଞାନ ଏବଂ ପ୍ରେମ ପ୍ରଦାନ କରିଚାଲିଥିଲେ। ଏହି ସମ୍ପର୍କ ମୃତ୍ୟୁକୁ ଅତିକ୍ରମ କରିଥିଲା, ପ୍ରେମ ଶରୀର କୁ ଅତିକ୍ରମ କରିଥିଲା, ଏବଂ ଜ୍ଞାନ ପ୍ରଦାନ ର ପ୍ରକ୍ରିୟା ଜାରି ରହିଥିଲା।

ମୁଁ ବସନ୍ତ ପଞ୍ଚମୀରେ ଏସବୁ କାହିଁକି ଆପଣମାନଙ୍କ ସହ ଭାଗ କରୁଛି? ଯାହାଦ୍ୱାରା ଆପଣମାନେ ବୁଝିପାରିବେ—ଆପଣମାନଙ୍କୁ କେଉଁ ମହାନ ଉପଲବ୍ଧିର ପ୍ରବେଶ ମିଳିଛି।

ଯେତେବେଳେ ଆପଣ ଧ୍ୟାନ ପାଇଁ ବସିଛନ୍ତି ଏବଂ ଆପଣଙ୍କ ହୃଦୟରେ ସେହି ମୃଦୁ ଆଲୋଡ଼ନ ଅନୁଭବ କରୁଛନ୍ତି, ଆପଣ ଲାଲାଜୀ ଏବଂ ବାବୁଜୀଙ୍କ ମଧ୍ୟରେ ପ୍ରବାହିତ ସମାନ ସ୍ରୋତକୁ ସ୍ପର୍ଶ କରୁଛନ୍ତି। ଯେତେବେଳେ ଆପଣ ସଂଚାର ପାଅନ୍ତି, ଆପଣ ଅଗଣିତ ପିଢ଼ି ପାଇଁ ହଜିଯିବା ପରେ ମାନବତା ପାଇଁ ପୁନଃପ୍ରାପ୍ତ ଉପହାର ପାଉଛନ୍ତି, ଏବଂ ଯେତେବେଳେ ଆପଣ ଏପରି କିଛି ପାଇଁ ସେହି ଅବର୍ଣ୍ଣନୀୟ ଆଗ୍ରହ ଅନୁଭବ କରୁଛନ୍ତି ଯାହାକୁ ଆପଣ ନାମ ଦେଇପାରିବେ ନାହିଁ, ଆପଣ  ଏପରି ଏକ ପ୍ରେମର ପ୍ରତିଧ୍ୱନି ଅନୁଭବ କରୁଛନ୍ତି ଯାହା ରାଧାଙ୍କ ପ୍ରେମକୁ ମଧ୍ୟ ପଛରେ ପକାଇ ଦେଇଛି।

ଏହା ଆମର ଉତ୍ତରାଧିକାର, ଆମର ଜନ୍ମଗତ ଅଧିକାର। ଏହା ଆମ ପାଇଁ ଉପଲବ୍ଧ କାରଣ ୧୮୭୩ ମସିହାର ବସନ୍ତ ପଞ୍ଚମୀରେ ଜଣେ ଶିଶୁ ଜନ୍ମଗ୍ରହଣ କରିଥିଲେ ଯିଏ ପରେ ଜଣେ ଗୁରୁ ହୋଇଥିଲେ, ଏବଂ କାରଣ ଜଣେ ଶିଷ୍ୟ ସେହି ଗୁରୁଙ୍କୁ ସୃଷ୍ଟିର ଆରମ୍ଭରୁ ଅତୁଳନୀୟ ପ୍ରେମ ସହିତ  ଭଲ ପାଉଥିଲେ।

ବସନ୍ତର ଫୁଲ ଫୁଟେ, ଦୁନିଆ ନିଜକୁ ନବୀକରଣ କରେ, ଏବଂ ଯେଉଁମାନେ ଅଭ୍ୟାସ କରନ୍ତି ସେମାନଙ୍କ ହୃଦୟରେ, ସମାନ ନବୀକରଣ ଧୀରେ ଧୀରେ ଘଟେ, ଦିନକୁ ଦିନ, ପ୍ରାଣାହୁତି ତାର  କାର୍ଯ୍ୟ ଜାରି ରଖେ।

ଏହି ବସନ୍ତ ପଞ୍ଚମୀରେ, ମୁଁ ପୂଜ୍ୟ ଶ୍ରୀ ଲାଲାଜୀ ମହାରାଜଙ୍କ ପାଦତଳେ ପ୍ରଣାମ କରୁଛି, ଯିଏ ଏହି ସମସ୍ତ ସମ୍ଭବ କରିଥିଲେ। ଏବଂ ମୁଁ ପୂଜ୍ୟ ଶ୍ରୀ ବାବୁଜୀ ମହାରାଜଙ୍କ ପାଦତଳେ

ପ୍ରଣାମ କରୁଛି, ଯାହାଙ୍କ ପ୍ରେମ ଏକ ଏପରି ଦ୍ୱାର ଖୋଲି ଦେଇଥିଲା ଯାହା କେବେ ବନ୍ଦ ହୋଇପାରିବ ନାହିଁ।

ଆମେ ଏହି ଐତିହ୍ୟର ଉତ୍ତରାଧିକାରୀ। କି ସୁନ୍ଦର ବଂଶ! ଆମ ହାତରେ କେତେ ମହାନ ସମ୍ପତ୍ତି ନ୍ୟସ୍ତ କରାଯାଇଛି! ଏବେ ପ୍ରଶ୍ନ ହେଉଛି: ଏହି ଉତ୍ତରାଧିକାର ସହିତ ଆମେ କ'ଣ କରିବୁ?

ଆସନ୍ତୁ, ଆମେ ଏହି ପବିତ୍ର ଅବସରକୁ ସମ୍ମାନ ଦେଇ ଗ୍ରହଣ କରିବା। ଆସନ୍ତୁ, ଆମ ଆଧ୍ୟାତ୍ମିକ ପିତାମହମାନଙ୍କୁ ଅଧିକ ସୁଖୀ, ଅଧିକ ଆନନ୍ଦିତ କରିବା। ଉଜ୍ଜ୍ୱଳ ଲୋକରୁ ସେମାନେ ଆମକୁ ନିମ୍ନଦୃଷ୍ଟି ରେ ଆନନ୍ଦରେ ନୃତ୍ୟ କରୁନ୍ତୁ—ଆମକୁ ଏକତ୍ର ଦେଖି, ପରସ୍ପର ପ୍ରତି ପ୍ରେମ ଓ ସମ୍ମାନ ରଖୁଥିବା ଦେଖି, ଏବଂ ସେମାନେ ଯାହା ପାଇଁ ଜୀବନ ବ୍ୟତୀତ କରିଥିଲେ, ସେହି ଜୀବନକୁ ବଞ୍ଚୁଥିବା ଦେଖି।

ଏହି ପୈତୃକ ଆଧ୍ୟାତ୍ମିକ ପରମ୍ପରାକୁ ସୁରକ୍ଷିତ ରଖିବା ଓ ସମୃଦ୍ଧ କରିବା ପାଇଁ, ଆମର ଆଚରଣ, ଚିନ୍ତାଧାରା ଏବଂ କାର୍ଯ୍ୟ ସେମାନଙ୍କର ମାନଦଣ୍ଡ ସହ ସମଞ୍ଜସ ରହିବା ଆବଶ୍ୟକ।ଏହି ପଥ ସହିତ ଜଡିତ ପ୍ରତ୍ୟେକ ପରିବାର ମଧ୍ୟରେ ସମନ୍ୱୟ ରହୁ। ସାଧକମାନେ ଏକାଠି ହେଉଥିବା ପ୍ରତ୍ୟେକ କେନ୍ଦ୍ରରେ ସମନ୍ୱୟ ରହୁ। ଆଧ୍ୟାତ୍ମିକ ସମ୍ପ୍ରଦାୟରେ କେତେକ ସମୟରେ ସୃଷ୍ଟି ହେଉଥିବା ଛୋଟ ଛୋଟ ବିଭାଜନ ଏହି ବସନ୍ତ ସୂର୍ଯ୍ୟର ଉଷ୍ମତାରେ ଲୁପ୍ତ ହେଉ। ଆସନ୍ତୁ ଆମେ ମନେ ରଖିବା ଯେ ଆମେ ସମସ୍ତେ ଗୋଟିଏ ବଂଶର ସନ୍ତାନ, ସମସ୍ତେ ଏକା ଜ୍ଞାନ ପାଇଛୁ, ଏବଂ ସମସ୍ତଙ୍କର ଗନ୍ତବ୍ୟସ୍ଥଳ ଏକ।



**ଆସନ୍ତୁ, ଆମେ ଏହି ପବିତ୍ର ଅବସରକୁ ସମ୍ମାନ ଦେଇ ଗ୍ରହଣ କରିବା। ଆସନ୍ତୁ, ଆମ ଆଧ୍ୟାତ୍ମିକ ପିତାମହମାନଙ୍କୁ ଅଧିକ ସୁଖୀ, ଅଧିକ ଆନନ୍ଦିତ କରିବା। ଉଜ୍ଜ୍ୱଳ ଲୋକରୁ ସେମାନେ ଆମକୁ ନିମ୍ନଦୃଷ୍ଟି ରେ ଆନନ୍ଦରେ ନୃତ୍ୟ କରୁନ୍ତୁ—ଆମକୁ ଏକତ୍ର ଦେଖି, ପରସ୍ପର ପ୍ରତି ପ୍ରେମ ଓ ସମ୍ମାନ ରଖୁଥିବା ଦେଖି, ଏବଂ ସେମାନେ ଯାହା ପାଇଁ ଜୀବନ ବ୍ୟତୀତ କରିଥିଲେ, ସେହି ଜୀବନକୁ ବଞ୍ଚୁଥିବା ଦେଖି।**

ଯଦି ଲାଲାଜୀ ନିଜ ଶିଷ୍ୟଙ୍କ ଉନ୍ନତିକୁ ଦେଖିବାର ଆନନ୍ଦ ପାଇଁ ତାଙ୍କର ସର୍ବଶ୍ରେଷ୍ଠ ଆବିଷ୍କାରକୁ ମଧ୍ୟ ନିର୍ଲୋଭ ଭାବେ ଦାନ କରିପାରିଥିଲେ, ଏବଂ ଯଦି ବାବୁଜୀ ରାଧାଙ୍କ ପ୍ରେମକୁ ମଧ୍ୟ ଅତିକ୍ରମ କରି ଏକ ଅସୀମ ପ୍ରେମ କରିପାରିଥିଲେ, ତେବେ ନିଶ୍ଚୟ ଆମେ ଆମ ପାଖପାଖି ଥିବା ଭାଇ ଓ ଭଉଣୀମାନଙ୍କ ପ୍ରତି ମିତ୍ରତାର ହାତ ବଢ଼ାଇପାରିବା, ଛୋଟ, ଛୋଟ ଅଭିଯୋଗକୁ ଛାଡ଼ିଦେଇପାରିବା, ଏବଂ ଯାହା ଆମ ମଧ୍ୟରେ ପ୍ରବାହିତ, ତାକୁ ଧାରଣ କରିବାର ଯୋଗ୍ୟ ପାତ୍ର ହୋଇପାରିବା।

ତେଣୁ, ଆମ ଗୁରୁମାନଙ୍କର ପ୍ରେମ ଆପଣଙ୍କ ହୃଦୟକୁ ସ୍ପର୍ଶ କରୁ, ପ୍ରାଣାହୁତି ଆପଣଙ୍କ ଅସ୍ତିତ୍ୱକୁ ରୂପାନ୍ତରିତ କରୁ, ଏବଂ ଆପଣ ନିଜ ନିଜ ଭାବରେ ସେମାନଙ୍କର ଉତ୍ତରାଧିକାରର ଜୀବନ୍ତ ସାକ୍ଷ୍ୟ ହୋଇଉଠନ୍ତୁ।

ପ୍ରେମ ଏବଂ ପ୍ରାର୍ଥନା ସହିତ,

କମଲେଶ

ବସନ୍ତ ପଞ୍ଚମି, ଜାନୁୟାରୀ 23, 2026



## ଦାଜୀ ଙ୍କ ସହ ମାଷ୍ଟରକ୍ଲାସ୍

ଆପଣ ଯେକୌଣସି ସମୟରେ ହାର୍ଟଫୁଲନେସ୍ ଧ୍ୟାନ ଆରମ୍ଭ କରିପାରିବେ! ଦାଜୀଙ୍କ ସହିତ ଏକ ତିନି ଭାଗ ବିଶିଷ୍ଟ ମାଷ୍ଟରକ୍ଲାସ୍ ସିରିଜରେ ଯୋଗ ଦିଅନ୍ତୁ, ଯେଉଁଠାରେ ସେ ହାର୍ଟଫୁଲନେସ୍ ପଦ୍ଧତିର ଲାଭ ବାଣ୍ଟିବେ ଏବଂ ଆପଣଙ୍କ ଦୈନନ୍ଦିନ କାର୍ଯ୍ୟରେ ହାର୍ଟଫୁଲନେସ୍ ଆରାମ, ଧ୍ୟାନ, ପରିଷ୍କାର ଏବଂ ପ୍ରାର୍ଥନାକୁ କିପରି ସାମିଲ କରିବେ ତାହା ବ୍ୟାଖ୍ୟା କରିବେ। ସମସ୍ତ ମାଷ୍ଟରକ୍ଲାସ୍ ନିଃଶୁଳ୍କ।

https://heartfulness.org/global/masterclass/

## Heartfulness Practices

ହାର୍ଟଫୁଲନେସ୍ ଅଭ୍ୟାସଗୁଡ଼ିକ ଆବିଷ୍କାର କରନ୍ତୁ – ଆରାମ କରିବା, ଧ୍ୟାନ କରିବା, ପରିଷ୍କାର କରିବା ଏବଂ ପ୍ରାର୍ଥନା କରିବା ଶିଖନ୍ତୁ।

https://heartfulness.org/in-en/heartfulness-practices/

heartfulness
purity weaves destiny

